# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**08th May – 2026**

**********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତାକାଲି ଶପଥ ଗ୍ରହଣ କରିବେ ବି.ଜେ.ପି.ର ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ ।

— ଆଗକୁ ଓଡ଼ିଶା-ପଶ୍ଚିମବଙ୍ଗ ସମ୍ପର୍କ ଆହୁରି ସୁଦୃଢ଼ ହେବ; କହିଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ବିକାଶରେ ମହିଳାଙ୍କ ଭାଗିଦାରୀ ସୁନିଶ୍ଚିତ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଗୁରୁତ୍ୱାରୋପ ।

- ପୁରୀ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ନେଇ ଆଲୋଚନା ।

ଏବଂ

- ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ ।

***Desk***

# ପଶ୍ଚିମବଙ୍ଗ - ଶପଥ ଗ୍ରହଣ

ବି.ଜେ.ପି.ର ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ । ଶ୍ରୀ ଅଧିକାରୀ ବି.ଜେ.ପି.ର ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାଙ୍କ ନାମ ଘୋଷଣା କରିଛନ୍ତି । ସହ-ପର୍ଯ୍ୟବେକ୍ଷକ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଶ୍ରୀ ଅଧିକାରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହେବା ପରେ ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କ ଆହୁରି ସୁଦୃଢ଼ ହେବ । ଓଡ଼ିଶାବାସୀଙ୍କପାଇଁ କୋଲ୍‌କାତା ହେଉଛି ଦ୍ୱିତୀୟ ଘର ସଦୃଶ । ପଶ୍ଚିମବଙ୍ଗରେ ନୂଆ ଇତିହାସ ସୃଷ୍ଟି ହୋଇଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

***Voice (Mohan Majhi)*** :……

ଶ୍ରୀ ଅଧିକାରୀ ଆସନ୍ତାକାଲି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ।

***HS***

# ଅଙ୍ଗନୱାଡ଼ି କେନ୍ଦ୍ର ଗୃହ

ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ଓ ବିକାଶରେ ମହିଳାମାନଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିବାପାଇଁ ଉପମୁଖ୍ୟମନ୍ତ୍ରୀ

ପ୍ରଭାତୀ ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି । ଏ ସମ୍ପର୍କରେ ବିଧାୟକମାନଙ୍କୁ ଚିଠି ଲେଖି ଶ୍ରୀମତୀ ପରିଡ଼ା ଅବଗତ କରିବା ସହ ଅଙ୍ଗନୱାଡ଼ି ଗୃହର ନିର୍ମାଣ ଓ ବିକାଶ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଗୁଣାତ୍ମକଭାବେ ଶେଷ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ନିଜ ନିଜ ନିର୍ବାଚନମଣ୍ଡଳୀରେ ଚାଲିଥିବା ବିକାଶମୂଳକ କାର୍ଯ୍ୟରେ ମହିଳାମାନଙ୍କୁ ଭାଗିଦାରୀ କରାଇବାପାଇଁ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ତି ।

***HS***

# ପି.ଏମ୍. ସହରାଞ୍ଚଳ ଆବାସ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ - ୨.୦ ଅଧୀନରେ ଗୃହ ନିର୍ମାଣ କାର୍ଯ୍ୟରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିବା ପରେ ଦେଶରେ ଅଗ୍ରଣୀ ସ୍ଥାନ ହାସଲ କରିଛି । ମାର୍ଚ୍ଚ ୨୦୨୫ରୁ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା କ୍ଷେତ୍ରରେ ଓଡ଼ିଶା କ୍ରମାଗତ ଭାବେ ଅନ୍ୟ ରାଜ୍ୟ ତୁଳନାରେ ଶୀର୍ଷରେ ରହିଛି । ଏହା ସମସ୍ତଙ୍କପାଇଁ ଆବାସ ସଙ୍କଳ୍ପ ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଓ କାର୍ଯ୍ୟଦକ୍ଷତାକୁ ପ୍ରମାଣିତ କରୁଛି । ଯୋଜନା ଅଧୀନରେ ରାଜ୍ୟରେ ମୋଟ୍ ୨୪ ହଜାର ୬୨୫ଟି ଘର ମଞ୍ଜୁର ହୋଇଥିବାବେଳେ ସେଥିମଧ୍ୟରୁ ୨୩ ହଜାର ୪୬୪ଟି ପ୍ରସ୍ତାବିତ ସ୍ଥାନର ଜିଓ-ଟ୍ୟାଗିଂ କାର୍ଯ୍ୟ ଶେଷ ହୋଇଛି । ଚଳିତ ମାସ ୫ ତାରିଖ ସୁଦ୍ଧା ୩ ହଜାର ୧୩୪ଟି ଘରର ଭିତ୍ତିପ୍ରସ୍ତର କାର୍ଯ୍ର ଆରମ୍ଭ ହୋଇଥିବାବେଳେ ୨

ହଜାର ୮ଟି ଘରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ ସମସ୍ତ ଘରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ରଖାଯାଇଛି ।

***HS***

## ଭିନ୍ନକ୍ଷମ ସଶକ୍ତୀକରଣ

ରାଜ୍ୟରେ ଚାଲିଥିବା ବିଭିନ୍ନ ସାମାଜିକ ସୁରକ୍ଷା ଓ କଲ୍ୟାଣକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ବୈଠକରେ ଯୋଗଦେଇ ଶ୍ରୀ ବଶିଷ୍ଠ’ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ନିର୍ଦ୍ଧାରିତ ସମୟରେ ସହାୟତ ପ୍ରଦାନ କରିବା ସହ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନପାଇଁ ଗୁରୁତ୍ୱାରୋପ କରିଛନ୍ତି । ସଚେତନତା ଶିବିର ସହ କ୍ଷେତ୍ର ପରିଦର୍ଶନ କରିବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ଶ୍ରୀ ବଶିଷ୍ଠ  ପରାମର୍ଶ ଦେଇଛନ୍ତି ।

*Puri/R*

# ରଥଯାତ୍ରା - ବୈଠକ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ନେଇ ଆଜି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଟାଉନ୍‌ହଲ୍‌ଠାରେ ଆୟୋଜିତ ବୈଠକରେ ମହାପ୍ରଭୁଙ୍କ ନୀତିନିର୍ଘଣ୍ଟ ସମେତ ରଥ ନିର୍ମାଣ, ପରିମଳ, ପାନୀୟଜଳ ଓ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ନେଇ  ବିସ୍ତୃତ ଆଲୋଚନା କରାଯାଇଛି । ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ଏବଂ ସୁରକ୍ଷା ବ୍ୟବସ୍ଥା ତଥା ଅନ୍ୟାନ୍ୟ ପଦକ୍ଷେପ ଉପରେ ବୈଠକରେ ନିଷ୍ପତ୍ତି ହୋଇଛି । ରଥଯାତ୍ରା ସମୟରେ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସହିତଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଦର୍ଶନପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ । ରଥଯାତ୍ରାପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକତା ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ରଥଖଳାକୁ ଓ କଟକସ୍ଥିତ ଖପୁରିଆ କରତକଳକୁ ଆବଶ୍ୟକ କାଠ ଆସି ପହଞ୍ଚିଛି । ସ୍ୱାସ୍ଥ୍ୟସେବା, ଔଷଧ ଯୋଗାଣ ଓ ଡାକ୍ତରଙ୍କ ଅଭାବକୁ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ସମେତ ଜନଗହଳିପୂର୍ଣ୍ଣ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା କରାଯିବ । ପୂର୍ବତଟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ସମୟ ସାରଣୀ, ବୁକିଂ କାଉଣ୍ଟର

ଓ ସ୍ୱୟଂଚାଳିତ ଟିକେଟ୍ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି । ପ୍ରସ୍ତୁତି ସମ୍ପର୍କରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସାମଲ ପ୍ରତିକ୍ରିୟାରେ କହିଛନ୍ତି :

***Voice (Samal)*** **:........**

***Puri/R***

# ଶ୍ରୀକ୍ଷେତ୍ରେ ଭଉଁରୀ

ଶ୍ରୀକ୍ଷେତ୍ର ପୁରୀରେ ଭଉଁରୀ ଅବସରରେ ଆସନ୍ତାକାଲି ପରମ୍ପରା ଅନୁସାରେ ରଥଖଳାରେ ଚକଅଖ ଡେରା ନୀତି ଅନୁଷ୍ଠିତ ହେବ । ସକାଳ ଧୂପ ନୀତି ଶେଷ ହେବା ପରେ ଘଣ୍ଟଛତା ବିଜେ କାହାଳୀ ସହ ପଟୁଆରରେ ଆଜ୍ଞାମାଳ ବିଜେ ହେବ । ପୂଜାପଣ୍ଡା ସେବକମାନେ ବିଧି ଅନୁଯାୟୀ ତିନି ରଥପାଇଁ ଆଜ୍ଞାମାଳକୁ ରଥଖଳାରେ ବିଜେ କରିବା ପରେ ପ୍ରତି ରଥର ୨ଟି ଚକରେ ଅଖ ଡେରା ନୀତି ଭୋଇ ସେବକମାନେ ସମ୍ପନ୍ନ କରିବେ ।

ସେହିଭଳି ଆସନ୍ତାକାଲି ବାହାର ଚନ୍ଦନଯାତ୍ରାର ଶେଷ ଦିବସରେ ନରେନ୍ଦ୍ର ପୁଷ୍କରିଣୀରେ ରାତ୍ର ଚାପରେ ୨୧ ଘେରା ଜଳକ୍ରୀଡ଼ା ସହ ଭଉଁରୀ ବିଧି ଅନୁଷ୍ଠିତ ହେବ ।

*Bhadrak/R*

# ବିଧାନସଭା ଉନ୍ନୟନ କମିଟି ବୈଠକ

ଭଦ୍ରକ ବିଧାନସଭା ଉନ୍ନୟନ କମିଟି ବୈଠକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଆଗାମୀ ବର୍ଷାଋତୁ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ ।

*Nayagarh/R*

# ସଚେତନତା ଶିବିର

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କଠିନ ବର୍ଜ୍ୟ ପରିଚାଳନା ସମ୍ପର୍କରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣର ସଚିବ ଅଞ୍ଜଳି ମଛଖଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଚିକିତ୍ସାଳୟର ସମସ୍ତ ଡାକ୍ତର ଓ କର୍ମଚାରୀ ଯୋଗ ଦେଇଥିଲେ । ସ୍ୱଚ୍ଛ ଓ ଅନୁକୂଳ ପରିବେଶ ସୃଷ୍ଟିପାଇଁ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବାପାଇଁ ପରାମର୍ଶ ଦିଆଯାଇଥିଲା ।

*Nayagarh/R*

# ଏସ୍.ବି.ଆଇ.-ଉପଦେଷ୍ଟା କମିଟି ବୈଠକ

ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ପ୍ରତିଷ୍ଠାନର ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଗତ ଆର୍ଥିକ ବର୍ଷରେ ମୋଟ୍ ୨୨୭ ଜଣଙ୍କୁ ଦକ୍ଷତାଭିତ୍ତିକ ତାଲିମ ପ୍ରଦାନ କରାଯାଇଥିଲା । ଜିଲ୍ଲାରେ ବିଭିନ୍ନ କୌଶଳଭିତ୍ତିକ ତାଲିମ ପ୍ରଦାନ କରିବାପାଇଁ ବୈଠକରେ ଆଲୋଚନା ହୋଇଥିଲା ।

*Kendrapara/R*

# ଯୁଭେଣ୍ଟିକା

କିଶୋର ଅବସ୍ଥାରେ ବିଭିନ୍ନ ପ୍ରକାର ସାଇବର ଅପରାଧିକ ପରିସ୍ଥିତିର ସମ୍ମୁଖୀନ ହେଉଥିବା ପିଲାମାନଙ୍କୁ ଆଇନଗତ ସହାୟତା ପ୍ରଦାନ କରିବାପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ୧୬ଟି ଥାନାରେ ଯୁଭେଣ୍ଟିକା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିପାଇଁ ଜିଲ୍ଲାର ୧୬ଟି ଥାନାରେ ଶିଶୁ ମଙ୍ଗଳ ପୁଲିସ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ କିଶୋରମାନଙ୍କୁ

ସାଇବର ଅପରାଧ ସୁରକ୍ଷା ନେଇ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି ।

***Nayagarh/R***

## ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର

ନୟାଗଡ଼ ଜିଲ୍ଲା ବିଭିନ୍ନ ବ୍ଲକ୍‌ରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ ହୋଇଛି । ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ସମେତ ଦଶପଲ୍ଲା, ଖଣ୍ଡପଡ଼ା, ଓଡ଼ଗାଁ, ରଣପୁରଠାରେ ପ୍ରଶିକ୍ଷାର୍ଥୀମାନଙ୍କୁ ଫୁଟ୍‌ବଲ୍ ଓ ବ୍ୟାଡ୍‌ମିଣ୍ଟନ୍ କ୍ରୀଡ଼ା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ।

***Met. O.***

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସମୁଦ୍ର ପତନଠାରୁ ଏହା ଦେଢ଼ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି । ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଏହା ଘନୀଭୂତ ହୋଇ ଲଘୁଚାପର ରୂପ ନେବ ବୋଲି ପାଣିପାଗ

ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝଡ଼ବର୍ଷା ହେବା ନେଇ ରାଜ୍ୟର ସମସ୍ତ ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଟିଟିଲାଗଡ଼ରେ ଆଜି ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି ।

ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟରେ ସର୍ବାଧିକ ଦିନ ତାପମାତ୍ରା ୨ ରୁ ୪ ଡିଗ୍ରୀ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।

***Desk, Gajapati, Nayagarh/R***

# ରେଡ୍‌କ୍ରସ ଦିବସ

ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବକୁ ସ୍ୱୀକୃତି ଦେବା ଏବଂ ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନର ପ୍ରତିଷ୍ଠାତା ହେନେରୀ ଡିଓନାର୍ଣ୍ଟଙ୍କ ସମ୍ମାନାର୍ଥେ ଆଜି ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳନ କରାଯାଉଛି । ୧୯୪୮ ମସିହାରୁ ପ୍ରତିବର୍ଷ ମଇ ମାସ ୮ ତାରିଖରେ ଭାରତରେ ଏହି ଦିବସ ପାଳିତ ହୋଇଆସୁଛି । ୧୯୨୦ ମସିହାରେ ଭାରତୀୟ ରେଡ୍‌କ୍ରସ ସୋସାଇଟି ପ୍ରତିଷ୍ଠା

କରାଯାଇଥିଲା। ଚଳିତ ବର୍ଷ ବିଶ୍ୱ ରେଡକ୍ରସ ଦିବସର ବାର୍ତ୍ତା ରହିଛି "ମାନବିକତା ପାଇଁ ଏକତା" ।

ରାଜ୍ୟର ବିଭିନ୍ନ ସ୍ଥାନରେ ରେଡ୍‌କ୍ରସ ଦିବସ ପାଳିତ ହୋଇଯାଇଛି । ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନ୍ନାଗା ଯୋଗଦେଇ ସମାଜର ମଙ୍ଗଳପାଇଁ ରେଡ୍‌କ୍ରସ ସହ ଯୋଡ଼ିହେବା ଲାଗି ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସର୍ବାଧିକ ରକ୍ତଦାନପାଇଁ ମୋହନାସ୍ଥିତ ଏସ୍.ଏସ୍.ଡି. ସରକାରୀ ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା।

ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ସ୍ୱାସ୍ଥ୍ୟସେବା ଏବଂ ରକ୍ତଦାନ କ୍ଷେତ୍ରରେ ରେଡ୍‌କ୍ରସର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଆୟୋଜିତ ରକ୍ତଦାନ ଶିବିରରେ ୨୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

******